# NATIONAL NEWS BULLETIN (ODIA)

**18 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଶ୍ରୀମଦ୍‌ଭଗବତ ଗୀତା ଏବଂ ଭରତମୁନିଙ୍କ ନାଟ୍ୟଶାସ୍ତ୍ର ୟୁନେସ୍କୋର ମେମୋରି ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ସ୍ଥାନ ପାଇବା ବିଶ୍ୱସ୍ତରୀୟ ସ୍ୱୀକୃତି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ।

- ଛତିଶଗଡ଼ରେ ୯ ଜଣ ମହିଳା ନକ୍ସଲଙ୍କ ସମେତ ୨୨ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ ସୂଚନା

- ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ସମ୍ମାନ ଏବଂ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ବିଶ୍ୱ ଐତିହ୍ୟ ଦିବସ

- ସାରା ବିଶ୍ୱରେ ଆଜି ପାଳନ କରାଯାଉଛି ଗୁଡ୍ ଫ୍ରାଇଡେ

ଏବଂ

- ଆଇପିଏଲ୍ କ୍ରିକେଟ୍ ସିରିଜ୍‌ରେ ଆଜି ସନ୍ଧ୍ୟାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍‌ସ୍ ମଧ୍ୟରେ ହେବ ମୁକାବିଲା ।

---

## ପିଏମ୍-ଗୀତା ୟୁନେସ୍କୋ

ଶ୍ରୀମଦ୍‌ଭଗବତଗୀତା ଏବଂ ଭରତମୁନିଙ୍କ ନାଟ୍ୟଶାସ୍ତ୍ର ୟୁନେସ୍କୋର ମେମୋରି ଅଫ୍ ଦ ୱାର୍ଲ୍ଡ ରେଜିଷ୍ଟର୍ ରେ ସ୍ଥାନ ପାଇଛି। ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ଏକ ପୋଷ୍ଟର

ଜବାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅନ୍ତର୍ଭୁକ୍ତିକୁ ଭାରତ କାଳଜୟୀ ଜ୍ଞାନ ଏବଂ ସମୃଦ୍ଧ ସଂସ୍କୃତିର ବିଶ୍ୱସ୍ତରୀୟ ସ୍ୱୀକୃତି ବୋଲି ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଉଭୟ ଗୀତା ଓ ନାଟ୍ୟଶାସ୍ତ୍ର ଶତାବ୍ଦୀ ଶତାବ୍ଦୀ ଧରି ସଭ୍ୟତା ଓ ଚେତନାକୁ ପରିପୁଷ୍ଟ କରି ଆସିବା ସହ ବିଶ୍ୱକୁ ପ୍ରେରଣା ଦେଉଛି ।

ଏହି ଐତିହାସିକ ସଫଳତା ସହିତ ଭାରତ ୟୁନେସ୍କୋ ମେମୋରି ଅଫ୍ ଦ ୱାର୍ଲଡ ରେଜିଷ୍ଟରରେ ୧୪ଟି ସ୍ଥାନ ଅକ୍ତିଆର କରିଛି । ଶ୍ରୀମଦ୍‌ଭଗବତ୍‌ଗୀତା ଓ ଭରତମୁନିଙ୍କ ନାଟ୍ୟଶାସ୍ତ୍ର ସହିତ ରୁଗ୍‌ବେଦ, ଶାନ୍ତିନାଥ ଚୈତ୍ର, ଗିଲ୍‌ଗିଟ୍ ପାଣ୍ଡୁଲିପି ମଧ୍ୟ ଏହି ତାଲିକାରେ ସାମିଲ ହୋଇଛି । ଭଗବତ୍ ଗୀତାରେ ଭଗବାନ କୃଷ୍ଣ ଓ ଅର୍ଜୁନଙ୍କ ସଂଳାପ ଆଧ୍ୟାତ୍ମିକ ଏବଂ ଦାର୍ଶନିକ ମହତ୍ୱ ବହନ କରିଥାଏ ।

ଅନ୍ୟ ପକ୍ଷରେ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର, ନାଟକ, କଳା ଓ ନୃତ୍ୟ ଭଳି ପ୍ରଦର୍ଶନ କଳା ଉପରେ ଏକ ମୌଳିକ ଗ୍ରନ୍ଥ ଭାବେ ବିବେଚନା କରାଯାଇଥାଏ।

---

## ଛତିଶଗଡ଼ ମାଓଇଷ୍ଟ୍

ଛତିଶଗଡ଼ର ସୁକ୍‌ମା ଜିଲ୍ଲାରେ ୯ ଜଣ ମହିଳା ନକ୍ସଲଙ୍କ ସମେତ ୨୨ଜଣ ମାଓବାଦୀ ଆଜି ଆତ୍ମସମର୍ପଣ କରିଛନ୍ତି । ସେହି ମାଓବାଦୀଙ୍କ ନାମରେ ୪୦ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ଏହି ମାଓବାଦୀମାନେ ପୋଲିସ୍ ଏବଂ ସିଆରପିଏଫ୍‌ର ବରିଷ୍ଠ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ।

ସେମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଦିଆଯିବା ସହ ପୁନର୍ବାସ ନୀତି ଅନୁଯାୟୀ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି ।

ଛତିଶଗଡ଼ର ବିଭିନ୍ନ ଥାନା ଅଞ୍ଚଳରୁ ସୁରକ୍ଷାବାହିନୀ ୨୨ ଜଣ ମାଓବାଦୀଙ୍କୁ ଗିରଫ୍ କରିଥିଲା । ସେମାନଙ୍କ ମଧ୍ୟରୁ ଦୁଇ ଜଣ ମାଓବାଦୀଙ୍କ ଗିରଫ୍‌ଦାରି ନେଇ ପୁରସ୍କାର ଘୋଷଣା କରାଯାଇଥିଲା । ସୁରକ୍ଷା ବାହିନୀ ସେମାନଙ୍କଠାରୁ ଟିଫିନ୍‌ବୋମା, ବିସ୍ଫୋରକ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ।

ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ଉସୁର ଅଞ୍ଚଳରେ କୋବ୍ରା ବାଟାଲିୟନ୍ ଏବଂ ସି.ଆର୍.ପି.ଏଫ୍.ର ମିଳିତ ଟିମ୍ ଯାଞ୍ଚ୍ ଅଭିଯାନ ଚଳାଇଥିଲେ । ସେହି ସମୟରେ ଟେକ୍‌ମେଟଲା ଜଙ୍ଗଲରୁ ୭ ଜଣ ମାଧବାଦୀ ବିସ୍ଫୋରକ ସହ ଧରା ପଡ଼ିଥିଲେ । ଅନ୍ୟ ପକ୍ଷରେ ଜିଲ୍ଲା ରିଜର୍ଭ ଗାର୍ଡ଼ ଟିମ୍ ବେଲଚର୍ ଜଙ୍ଗଲରୁ ୬ ଜଣ ମାଓବାଦୀଙ୍କୁ ଗିରଫ୍ କରିଛି । ନେଲସନ୍ ଥାନା ଅଧୀନ କଣ୍ଡାକାରକା ଜଙ୍ଗଲରୁ ସି.ଆର୍.ପି.ଏଫ୍. ଟିମ୍ ୯ ଜଣ ମାଓବାଦୀଙ୍କୁ ଗିରଫ୍ କରିଥିବା ଜଣାପଡ଼ିଛି ।

## ବିଜେପି-କଂଗ୍ରେସ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ଅନୁରାଗ ଠାକୁର ଆଜି ନ୍ୟାଶନାଲ୍ ହେରାଲ୍‌ଡ ମାମଲା ନେଇ କଂଗ୍ରେସକୁ ସମାଲୋଚନା କରିଛନ୍ତି। ନୂଆଦିଲ୍ଲୀରେ ଏହି ମାମଲାକୁ ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଠାକୁର କହିଛନ୍ତି, ନ୍ୟାଶନାଲ୍ ହେରାଲ୍‌ଡ ସଂପର୍କରେ

ଶୁଣିବା ପରେ କଂଗ୍ରେସ ଦଳରେ ଉତ୍ତେଜନା ବୃଦ୍ଧି ପାଇଛି । ଦଳ ବାରମ୍ବାର ତା'ର ପ୍ରୟାସରେ ବିଫଳ ହେଉଛି ବୋଲି ଶ୍ରୀ ଠାକୁର କହିଛନ୍ତି । ସେ କହିଛନ୍ତି ସ୍ୱାଧୀନତା ପରଠାରୁ କଂଗ୍ରେସ ଅନେକ ଦୁର୍ନୀତିରେ ସଂପୃକ୍ତ ରହିଛି ।

**V/O**

**[Anurag Thakur]**

# ୱାର୍ଲ୍ଡ ହେରିଟେଜ୍ ଡେ

ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ସମ୍ମାନ ଓ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଉଛି । ଏହାକୁ ମଧ୍ୟ ସ୍ମାରକୀ ଓ ସ୍ଥଳ ଦିବସ କୁହାଯାଏ । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି, ବିପର୍ଯ୍ୟୟ ଓ ସଂଘର୍ଷରୁ ବିପଦରେ ଥିବା ଐତିହ୍ୟ । ପ୍ରତ୍ୟେକ ବର୍ଷ ଏପ୍ରିଲ୍ ୧୮ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ ।

ଗତ କିଛି ବର୍ଷ ହେବ ବିଶ୍ୱ ଏହି ଐତିହ୍ୟ ତାଲିକାରେ ଭାରତ କ୍ରମାଗତ ଭାବରେ ନିଜର ଉପସ୍ଥିତି ଜାହିର କରିଛି । ଗତ ବର୍ଷ ଜୁଲାଇରେ ଆସାମର ଆହୋମ ବଂଶର ମାଉଣ୍ଡ-କବର ପ୍ରଣାଳୀକୁ ସାଂସ୍କୃତିକ ସମ୍ପତ୍ତି ଭାବରେ ଏହାକୁ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରାଯାଇଥିଲା । ଏ ପର୍ଯ୍ୟନ୍ତ ବିଶ୍ୱ ଐତିହ୍ୟ ତାଲିକାରେ ଭାରତର ୪୩ଟି ସ୍ଥାନ ଥିବା ବେଳେ ୟୁନେସ୍କୋର ଅସ୍ଥାୟୀ ତାଲିକାରେ ୬୨ଟି ସ୍ଥାନ ରହିଛି । ୧୯୮୩ ମସିହାରେ ଆଗ୍ରା ଦୁର୍ଗ, ତାଜମହଲ, ଅଜନ୍ତା ଏବଂ

ଏଲୋରା ଗୁମ୍ଫା ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହେବା ପରେ କ୍ରମାଗତ ଭାବେ ଅନ୍ୟ ସ୍ଥାନ ଗୁଡ଼ିକୁ ଏଥିରେ ସାମିଲ କରାଯାଉଛି ।

ଆଜି ବିଶ୍ୱ ଐତିହ୍ୟ ଦିବସ ପାଳନ ଅବସରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଏ.ଏସ୍.ଆଇ. ଦେଶର ସମସ୍ତ ଏ.ଏସ୍.ଆଇ. ସଂରକ୍ଷିତ ସ୍ମାରକୀରେ ପ୍ରବେଶ ଶୁଳ୍କ ଛାଡ଼ ଘୋଷଣା କରିଛି । ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି, ଏ.ଏସ୍.ଆଇ.ର ଏହି ପଦକ୍ଷେପ ପର୍ଯ୍ୟଟକଙ୍କୁ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବାକୁ ସୁଯୋଗ ପ୍ରଦାନ କରିବ । ୩ ହଜାରରୁ ଅଧିକ ସ୍ମାରକୀ ଏବଂ ଐତିହ୍ୟ ସ୍ଥଳୀକୁ ଏ.ଏସ୍.ଆଇ. ସୁରକ୍ଷା ଅଧୀନରେ ରଖାଯାଇଛି । ଦେଶର ଐତିହାସିକ ପରମ୍ପରା ଏବଂ ସ୍ଥାପତ୍ୟ ସହିତ ଯୋଡ଼ି ହେବାକୁ ଏ.ଏସ୍.ଆଇ. ସୁଯୋଗ ପ୍ରଦାନ କରୁଛି ।

## ଗୁଡ୍ ଫ୍ରାଇଡେ

ଆଜି ସାରା ବିଶ୍ୱରେ ଗୁଡ୍ ଫ୍ରାଇଡେ ପାଳନ କରାଯାଉଛି । କାଲଭାରି ଠାରେ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁକୁ ସ୍ମରଣ ପୂର୍ବକ ଗୁଡ୍ ଫ୍ରାଇଡେକୁ ଶୋକ, ପ୍ରତିଫଳନ ଏବଂ ଆଧ୍ୟାତ୍ମିକ ଭକ୍ତିର ଦିନ ଭାବେ ପାଳନ କରାଯାଉଛି । ସାରା ବିଶ୍ୱର ଖ୍ରୀଷ୍ଟିଆନ୍ ଅଧିବାସୀମାନେ ଗୁଡ୍ ଫ୍ରାଇଡେ ପାଳନ ସ୍ୱରୂପ ଚର୍ଚ୍ଚ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଡ୍ ଫ୍ରାଇଡେ୍ ଅବସରରେ ଯୀଶୁଖ୍ରୀଷ୍ଟଙ୍କ ବଳିଦାନକୁ ମନେ ପକାଇଛନ୍ତି । ସାମାଜିକ ଗଣମାଧ୍ୟମ

ପୋଷ୍ଟରେ ଶ୍ରୀ ମୋଦୀ ଲେଖିଛନ୍ତି, ଏହିଦିନ ଆମକୁ ଦୟା, କରୁଣା ଏବଂ ଉତ୍ତମ ମନୋଭାବ ରଖିବାକୁ ପ୍ରେରଣା ଦେଇଥାଏ ।

ନାଗାଲାଣ୍ଡର ଚର୍ଚ୍ଚ ଗୁଡ଼ିକରେ ସ୍ୱତନ୍ତ୍ର ପ୍ରାର୍ଥନା ସେବା ଓ ଉପବାସ ଆୟୋଜନ କରାଯାଇଛି ।

ପୁଡୁଚେରୀରେ ଗୁଡ୍ ଫ୍ରାଇଡେ ଉପଲକ୍ଷେ ହଜାର ହଜାର ଖ୍ରୀଷ୍ଟିୟାନ୍ ପ୍ରମୁଖ ଚର୍ଚ୍ଚରେ ଆୟୋଜିତ ୱେ ଅଫ୍ ଦ କ୍ରସ୍ ଶୋଭାଯାତ୍ରା ଏବଂ ସ୍ୱତନ୍ତ୍ର ପ୍ରାର୍ଥନାରେ ଅଂଶ ଗ୍ରହଣ କରିଛନ୍ତି। ସମଗ୍ର ପୁଡୁଚେରୀରେ ଖ୍ରୀଷ୍ଟିଆନ୍‌ମାନେ ବହୁସଂଖ୍ୟାରେ ଏକାଠି ହୋଇ ଗୁଡ୍ ଫ୍ରାଇଡେ ପାଳନ କରିଛନ୍ତି ।

ଆୟୋଜିତ ଶୋଭାଯାତ୍ରା ଚର୍ଚ୍ଚରୁ ଆରମ୍ଭ ହୋଇ ସହରର ପ୍ରମୁଖ ରାସ୍ତା ଦେଇ ପୁଣି ଚର୍ଚ୍ଚ ପରିସରକୁ ଫେରିଥିଲା । ଯୀଶୁଙ୍କ ପ୍ରଶଂସାରେ ବିଭିନ୍ନ ବୟସବର୍ଗର ଶ୍ରଦ୍ଧାଳୁମାନେ ଭଜନ ଗାନ କରି ଶୋଭାଯାତ୍ରାରେ ଯାଇଥିଲେ ।

---

# ବିହାର-ମହିଳା ସମ୍ବାଦ

ମହିଳା ହିତାଧିକାରୀ ଏବଂ ଅନ୍ୟ ଅଂଶୀଦାରଙ୍କ ନିକଟରେ ପହଞ୍ଚିବା ପାଇଁ ବିହାର ସରକାର ଆଜି **ମହିଳା ସମ୍ବାଦ ଅଭିଯାନ** ଆରମ୍ଭ କରିଛନ୍ତି । ଏହି ଅଭିଯାନ ଆସନ୍ତା ୨ ମାସ ପର୍ଯ୍ୟନ୍ତ ଚାଲିବ । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ପାଟନାସ୍ଥିତ ତାଙ୍କ ବାସଭବନରୁ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି ।

ଏହି ଅଭିଯାନରେ ସରକାରୀ ଅଧିକାରୀମାନେ ୨ କୋଟି ମହିଳାଙ୍କ ନିକଟରେ ପହଞ୍ଚି ସରକାରଙ୍କ ଯୋଜନା ସଂପର୍କରେ ସୂଚନା ଦେବେ ଏବଂ ମହିଳା ସଶକ୍ତିକରଣର ଯୋଜନା ସଂପର୍କରେ ମତାମତ ଗ୍ରହଣ କରିବେ । ସାରା ରାଜ୍ୟରେ ୭୦ ହଜାରଟି ସ୍ଥାନରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଦୃଶ୍ୟ ଶ୍ରାବ୍ୟ ପ୍ରଚାର ନିମନ୍ତେ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ମୋବାଇଲ୍ ଭ୍ୟାନ୍ ବ୍ୟବହାର କରାଯାଇ ପଞ୍ଚାୟତିରାଜ ଅନୁଷ୍ଠାନରେ ମହିଳା ସଂରକ୍ଷଣ, ସରକାରୀ ଚାକିରି, ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତିକରଣ, ଉଦ୍ୟୋଗୀ ଯୋଜନା ଏବଂ ଜୀବିକା କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହନ ଭଳି ପଦକ୍ଷେପ ବିଷୟରେ ଅବଗତ କରାଯିବ । ଏହି ଅଭିଯାନରେ ୧ କୋଟି ୩୫ ଲକ୍ଷ ଜୀବିକା ଗୋଷ୍ଠୀ ଅଂଶ ଗ୍ରହଣ କରିବେ ।

---

## ଡବ୍ଲୁଟିଓ ଇଣ୍ଡିଆ-ଟାରିଫ୍

ଆମେରିକା ବିଶ୍ୱ ବାଣିଜ୍ୟ ସଂଗଠନକୁ ଇସ୍ପାତ ଏବଂ ଆଲୁମିନିୟମ ଉପରେ ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି ଶୁଳ୍କ ସ୍ଥିର କରିବାକୁ କହିଛି । ଭାରତର ଦାବି ଅନୁଯାୟୀ ଏହା ସ୍ଥିର କରାନଯିବାକୁ ଆମେରିକା ବିଶ୍ୱ ବାଣିଜ୍ୟ ସଂଗଠନକୁ ପରାମର୍ଶ ଦେଇଛି । ଚଳିତମାସ ୧୧ ତାରିଖରେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନରେ ଏକ ଅନୁରୋଧ ଦାଖଲ କରି ଆମେରିକାର ଶୁଳ୍କ ବୃଦ୍ଧି ଉପରେ ବିଚାର ବିମର୍ଶ ପାଇଁ ଅନୁରୋଧ କରିଥିଲା । ଭାରତ ଦର୍ଶାଇଥିଲା ଯେ ଏହାକୁ ବିଶ୍ୱ ବାଣିଜ୍ୟ ସଂଗଠନ ନିୟମ ଅନୁଯାୟୀ ସୁରକ୍ଷା ପଦକ୍ଷେପ ଭାବରେ ବିବେଚନା କରାଯିବା ଆବଶ୍ୟକ ।

ଗତକାଲି ଆମେରିକାର ଏହାର ଜବାବରେ କହିଛି, ୧୯୭୪ର ବାଣିଜ୍ୟ ଆଇନର ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ଶୁଳ୍କ ଲାଗୁ କରାଯାଇ ନାହିଁ । ଆମେରିକୀୟ ଆଇନ୍‌ର ଧାରା ୨୩୨ ଅନୁଯାୟୀ ଏହି ଶୁଳ୍କ ଲାଗୁ କରାଯାଇଛି । ଆମେରିକା କହିଛି, ଶୁଳ୍କ ଏବଂ ବାଣିଜ୍ୟ ଉପରେ ବୃଦ୍ଧି ହେଉଥିବା ପରିମାଣ ନିୟମ ଅନୁଯାୟୀ କରାଯାଉଛି । ଆମେରିକା ଆହୁରି ମଧ୍ୟ କହିଛି, ଯେ ସେ ସୁରକ୍ଷା ବ୍ୟବସ୍ଥା ବ୍ୟବହାର କରୁନାହିଁ, ତେଣୁ ସୁରକ୍ଷା ଚୁକ୍ତି ଅଧୀନରେ ପରାମର୍ଶ ପାଇଁ କୌଣସି ଆଧାର ନାହିଁ ।

## ୟୁଏସ୍-ଇରାନ୍ ନ୍ୟୁକ୍ଲିୟର୍ସ ଟକ୍

ଆମେରିକା ଓ ଇରାନ୍ ମଧ୍ୟରେ ଆସନ୍ତାକାଲି ରୋମ୍‌ରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ପରମାଣୁ ଆଲୋଚନାରେ ମଧ୍ୟସ୍ଥତା ଜାରି ରହିବ ବୋଲି ଓମାନ୍‌ର ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏକ ବିବୃତିରେ ମନ୍ତ୍ରଣାଳୟ କହିଛି, ଗମନାଗମନ କାରଣରୁ ଇଟାଲୀର ରାଜଧାନୀକୁ ନୂତନ ସ୍ଥାନ ଭାବେ ଚୟନ କରାଯାଇଛି । ଏହି ଆଲୋଚନା ଏକ ନ୍ୟାୟପୂର୍ଣ୍ଣ, ବାଧ୍ୟତାମୂଳକ ଏବଂ ସ୍ଥାୟୀ ବୁଝାମଣା ଦିଗରେ ଅଗ୍ରଗତି କରିବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି । ଆଗାମୀ ବୈଠକ ଆୟୋଜନରେ ସହଯୋଗ ଓ ସମର୍ଥନ ପାଇଁ ଇଟାଲୀ ସରକାରଙ୍କୁ ପ୍ରଶଂସା କରାଯାଉଛି ।

ଚଳିତ ମାସ ୧୨ ତାରିଖରେ ଓମାନ୍‌ରେ ଆମେରିକା ଓ ଇରାନ୍ ଅଧିକାରୀଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲା । ଉଭୟ ଦେଶ କହିଛନ୍ତି, ଆଲୋଚନା ସକାରାତ୍ମକ ଏବଂ ଗଠନ ମୂଳକ ରହିଛି ।

# ଆଇପିଏଲ୍

ଚଳିତ ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ଆଜି ବେଙ୍ଗାଲୁରୁ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ଉଭୟ ରୟାଲ୍ ଚାଲେଞ୍ଜର୍ସ୍ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ୬ଟି ଲେଖାଏଁ ମ୍ୟାଚ୍‌ରୁ ୮ ପଏଣ୍ଟ ଲେଖାଏଁ ହାସଲ କରିଛନ୍ତି । ଆର୍.ସି.ବି. ପଏଣ୍ଟ ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ପଞ୍ଜାବ ଦ୍ୱିତୀୟ ସ୍ଥାନରେ ରହିଛି । ପଏଣ୍ଟ ତାଲିକାର ଶୀର୍ଷରେ ୧୦ ପଏଣ୍ଟ ସହ ଦିଲ୍ଲୀ କ୍ୟାପିଟାଲ୍‌ସ ରହିଥିବା ବେଳେ ୮ ପଏଣ୍ଟ ସହ ଗୁଜରାଟ ଟାଇଟନ୍ସ ଦ୍ୱିତୀୟ ସ୍ଥାନରେ ରହିଛି ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୪ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି । ଗତକାଲି ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମ୍‌ରେ ଆୟୋଜିତ ମ୍ୟାଚ୍‌ରେ ୧୬୩ରନ୍‌ର ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୧୮ ଓଭର ଗୋଟିଏ ବଲ୍‌ରେ ୬ ୱିକେଟ୍ ବିନିମୟରେ ୧୬୬ରନ୍ ସଂଗ୍ରହ କରିଥିଲା । ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୧୬୨ରନ୍ କରିଥିଲା ।

---

# ଏସିଆନ୍ ୟୁଥ୍ ଆଥଲେଟିକ୍ସ

ଆଥଲେଟିକ୍ସରେ ଭାରତର ଶୌର୍ଯ୍ୟା ଅମ୍ବୁରେ ସାଉଦି ଆରବର ଦମାମ ଠାରେ ଚାଲିଥିବା ଏସୀୟ ଯୁବ ଚାମ୍ପିୟନ୍‌ସିପ୍‌ରେ ୧୮ ବର୍ଷରୁ କମ୍

ମହିଳା ୧୦୦ ମିଟର ବାଧକ ଦୌଡ଼ରେ କାଂସ୍ୟ ପଦକ ଜିତିଛନ୍ତି । ୧୫ ବର୍ଷିୟା ଶୌର୍ଯ୍ୟା ୧୩ ଦଶମିକ୍ ୮/୦ ସେକେଣ୍ଡ ସମୟରେ ଏହି ବିଜୟ ହାସଲ କରିଛନ୍ତି । କିଛି ଦିନ ମଧ୍ୟରେ ଏହା ତାଙ୍କର ଦ୍ୱିତୀୟ ଶ୍ରେଷ୍ଠ ବ୍ୟକ୍ତିଗତ ପ୍ରଦର୍ଶନ ।

ଚୀନ୍‌ର ବାଓ ୟିନ୍‌ୟିନ୍ ୧୩ ଦଶମିକ୍ ୭/୧ ସେକେଣ୍ଡରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ସେହି ଦେଶର କ୍ରୀଡ଼ାବିତ୍ ହେ ୟିହୁଇ ୧୩ ଦଶମିକ୍ ୭/୬ ସେକେଣ୍ଡରେ ରୌପ୍ୟ ପଦକ ହାସଲ କରିଛନ୍ତି ।